ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ବଖଶୀଶ ସିଂ

ମେ 5,1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ବରଖାସ୍ତ — ଆରକ୍ଷୀ ସିପାହୀ — ମନ୍ଦ ଆଚରଣ — ଦୀର୍ଘସମୟ ଧରି କର୍ତ୍ତବ୍ୟରୁ ଅନଧିକୃତ ଅନୁପସ୍ଥିତି — ତଦନ୍ତ ପରିଚାଳନା — ସେବାରୁ ବରଖାସ୍ତ — କର୍ତ୍ତବ୍ୟଭ୍ରଷ୍ଟଙ୍କ ଦ୍ୱାରା ମକଦ୍ଦମା — ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଖାରଜ — ପ୍ରଥମ ଅପିଲ ବିଚାର କରୁଥିବା ନ୍ୟାୟାଳୟ ଦଣ୍ଡର ପ୍ରଶ୍ନ ଉପରେ ମକଦ୍ଦମାକୁ ପୁନଃପ୍ରେରଣ କରିଥିଲେ — ଦର୍ଶାଯାଇଛି, ଉପଯୁକ୍ତ ଦଣ୍ଡ ଦେବା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଅଟେ — ଦୌରା ନ୍ୟାୟାଳୟ ଏହି ପ୍ରସଙ୍ଗରେ ନିଜର ମତ ପ୍ରତିସ୍ଥାପନ କରିପାରିବେ ନାହିଁ — ବିଚାର କରୁଥିବା ନ୍ୟାୟାଳୟଙ୍କ ଆଦେଶ ନିଶ୍ଚିତ ହୋଇଛି ।*

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 4212/1997 ।

ଆର୍.ଏସ୍.ଏ. ସଂଖ୍ୟା 1555/1996 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 21.8.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଆର୍.ଏସ୍. ସୋଧିଙ୍କ ପାଇଁ ଏ.ଏସ୍. ସୋହଲ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଯଦିଓ ଅଧିସୂଚନା ଜାରି ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି, ଉତ୍ତରଦାତାଙ୍କୁ ଜାରି ପାଇଁ ଯୋଗାଯୋଗ କରାଯାଇପାରିଲା ନାହିଁ । ଏପରିକି ଶେଷ ଜ୍ଞାତ ଠିକଣାକୁ ମଧ୍ୟ ଏହି ଜାରି ହେବାକୁ କାର୍ଯ୍ୟକାରୀ କରିବା ପାଇଁ ଯୋଗାଯୋଗ କରାଯାଇଥିଲା; କିନ୍ତୁ ତାହା ମଧ୍ୟ ବିଫଳ ପ୍ରମାଣିତ ହୋଇଥିଲା । ଏଭଳି ପରିସ୍ଥିତିରେ, ଅଧିସୂଚନା ଜାରି କରାଯାଇଥିବା ବିବେଚନା କରାଯିବା ଆବଶ୍ୟକ ।

ଅନୁମତି ପ୍ରଦାନ କରାଗଲା ।

ଉତ୍ତରଦାତା ଯିଏକି ପଞ୍ଜାବ ରାଜ୍ୟର ଆରକ୍ଷୀ ସେବାରେ ଜଣେ ସିପାହୀ ଥିଲେ, ଦୀର୍ଘ ସମୟ ଧରି ଅର୍ଥାତ୍ ନଭେମ୍ବର 7,1986ରୁ ମାର୍ଚ୍ଚ 1,1988 ପର୍ଯ୍ୟନ୍ତ ବିନା କୌଣସି ଅନୁମତିରେ କର୍ତ୍ତବ୍ୟରୁ ଅନୁପସ୍ଥିତ ରହିଥିଲେ । ଫଳସ୍ୱରୂପ, ଉତ୍ତରଦାତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ଏବଂ ତଦନ୍ତ କରାଯାଇଥିଲା । କର୍ତ୍ତବ୍ୟରେ ଉପସ୍ଥିତ ନହେବାର ଅବହେଳା ଆଧାରରେ ଶୃଙ୍ଖଳାଗତ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବରଖାସ୍ତ କରିଥିଲେ । ସି.ଆଇ. ବିଚାର କରୁଥିବା ନ୍ୟାୟାଳୟ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ ହୋଇଥିବା ମକଦ୍ଦମାକୁ ଖାରଜ କରିଦେଇଥିଲେ । ଅପିଲ ଉପରେ, ପ୍ରଥମ ଅପିଲ ନ୍ୟାୟାଳୟ ଏହି ମାମଲାକୁ ଦଣ୍ଡର ପ୍ରସଙ୍ଗ ଉପରେ ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ପୁନର୍ବିଚାର ପାଇଁ ପଠାଇଥିଲେ । ଉଚ୍ଚ ନ୍ୟାୟାଳୟ ଅଗଷ୍ଟ 21,1996 ରେ ଏହାର ରାୟ ଏବଂ ଆଦେଶ ଦ୍ୱାରା ଦ୍ୱିତୀୟ ଅପିଲ ସଂଖ୍ୟା 155/96 କୁ ସଂକ୍ଷେପରେ ଖାରଜ କରିଦେଇଛନ୍ତି । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଅପିଲ ନ୍ୟାୟାଳୟ ଏହି ସିଦ୍ଧାନ୍ତକୁ ନିମ୍ନମତେ ଲିପିବଦ୍ଧ କରିଥିଲେ :

> " ମୁଁ ଉପରୋକ୍ତ ପ୍ରାଧିକାରୀଙ୍କ ସମସ୍ତ ତଥ୍ୟକୁ ସମୀକ୍ଷା କରିସାରିଛି ଏବଂ ମୋର ବିଚାର ହେଉଛି ଯେ ଯଦିଓ ବାଦୀ ନିଜ ଅନୁପସ୍ଥିତିର ମନ୍ଦ ଆଚରଣ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ ମଧ୍ୟ ମନ୍ଦ ଆଚରଣକୁ ଉପ-ନିୟମର ଅର୍ଥରେ ସବୁଠାରୁ ଗୁରୁତର ମନ୍ଦ ଆଚରଣ ଭାବେ ବର୍ଗୀକୃତ କରାଯାଇପାରିବ ନାହିଁ । ଏହି ଯୁକ୍ତି ଯଥାର୍ଥ ବୋଲି ଜଣାପଡୁଛି । ଏହା ସତ୍ୟ ଯେ, ସାଧାରଣତଃ କହିବାକୁ ଗଲେ, ଦଣ୍ଡର ଗମ୍ଭୀରତାକୁ ନିର୍ଣ୍ଣୟ କରିବା ଦଣ୍ଡ ଦେବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଏବଂ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବା ଏହି ନ୍ୟାୟାଳୟର କ୍ଷମତା ପରିସର ମଧ୍ୟରେ ନାହିଁ । କିନ୍ତୁ ତା'ପରେ ଏହି ନିୟମର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟତିକ୍ରମ ଅଛି ଏବଂ ତାହା ହେଉଛି ନ୍ୟାୟାଳୟ ଏପରି ଏକ ଆଦେଶକୁ ରଦ୍ଦ କରିବେ ଯାହା କେବଳ ବେଆଇନ ଏବଂ ମନମୁଖୀ ଭାବରେ ପାରିତ ହୋଇଛି । ଏହି ମାମଲାରେ, ପ୍ରତିବାଦୀ ବରଖାସ୍ତର ଦଣ୍ଡ ପ୍ରଦାନ କରିବା ପୂର୍ବରୁ, ଏହି ସିଦ୍ଧାନ୍ତରେ ପହଞ୍ଚିବେ ଯେ ଉତ୍ତରଦାତାଙ୍କୁ ଦାୟୀ କରାଯାଇଥିବା ମନ୍ଦ ଆଚରଣ ଏକ 'ଗୁରୁତର ମନ୍ଦ କାର୍ଯ୍ୟ' ଥିଲା ତାଙ୍କ ଉପରେ ଏହା

ବାଧ୍ୟତାମୂଳକ ଥିଲା । ଏହା ସତ୍ୟ ଅଟେ ଯେ, ଯେଉଁ ପରିପ୍ରେକ୍ଷୀରେ ସେହି ଅଭିବ୍ୟକ୍ତି ବ୍ୟବହୃତ ହୋଇଛି, ଏହାର ଅର୍ଥ ଏପରି କୌଣସି କାର୍ଯ୍ୟ ନୁହେଁ ଯାହା ମନ୍ଦ ଆଚରଣର ସବୁଠାରୁ ଗୁରୁତର ଅପରାଧ ଅଟେ ଏବଂ ଅନ୍ୟ ପକ୍ଷରେ, କିନ୍ତୁ ଏହା ଏକ ଅତି ଉଚ୍ଚ ସ୍ତରର ମନ୍ଦ ଆଚରଣର ଅପରାଧକୁ ସୂଚାଇଥାଏ, ଯାହା କେବଳ ଏକ ଗମ୍ଭୀର କିମ୍ବା ଅତି ଗମ୍ଭୀର ଅପରାଧର ବିପରୀତ ଅଟେ । କିନ୍ତୁ ଏହା ପରେ ଜଣାପଡେ ଯେ, ଦଣ୍ଡ ପ୍ରଦାନ କରିବା ସମୟରେ ପ୍ରତିବାଦୀମାନେ ଉପନିୟମର ବ୍ୟବସ୍ଥାଗୁଡ଼ିକ ବିଷୟରେ ଜାଣିନଥିଲେ, ନଚେତ ସେ କେବଳ ଏହି ସିଦ୍ଧାନ୍ତରେ ପହଞ୍ଚି ନଥାନ୍ତେ ଯେ, ଉତ୍ତରଦାତାଙ୍କୁ ଆରୋପ କରାଯାଇଥିବା ମନ୍ଦ ଆଚରଣ ଗୁରୁତର ପ୍ରକାରର ଥିଲା, ବରଖାସ୍ତର ଦଣ୍ଡ ପ୍ରଦାନ କରିନଥାନ୍ତେ, କିନ୍ତୁ ବୋଧହୁଏ ଏହି କାରଣରୁ ସେହି ଦଣ୍ଡ ପ୍ରଦାନ କରିଥାନ୍ତେ ଯେ, ମନ୍ଦ ଆଚରଣ ଗୁରୁତର ପ୍ରକାରର ହୋଇନଥିଲେ ମଧ୍ୟ ସବୁଠାରୁ ଗୁରୁତର ପ୍ରକାରର ନଥିଲା । ମନ୍ଦ ଆଚରଣ ଆବଶ୍ୟକୀୟ ପ୍ରକାରର ହେବା ବିଷୟରେ ସିଦ୍ଧାନ୍ତର ଅଭାବ ଆକ୍ଷେପିତ ଆଦେଶକୁ ସ୍ୱେଚ୍ଛାଚାରୀ ପ୍ରକୃତିର କରିଥାଏ ଏବଂ ତେଣୁ, ରଦ୍ଦ ହେବା ଯୋଗ୍ୟ ଅଟେ ।

ଏହା ସ୍ଥିରୀକୃତ ଆଇନଗତ ସ୍ଥିତି ଯେ ଉପଯୁକ୍ତ ଦଣ୍ଡ ଦେବା ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ; କର୍ତ୍ତବ୍ୟଭ୍ରଷ୍ଟ ଅଧିକାରୀଙ୍କ ଉପରେ ଲାଗୁ ହେବାକୁ ଥିବା ଦଣ୍ଡର ପ୍ରକୃତି ଉପରେ ଦେୱାନୀ ନ୍ୟାୟାଳୟ ଶୃଙ୍ଖଳାଗତ ତଥା ଅପିଲ ପ୍ରାଧିକାରୀଙ୍କ ନିଜସ୍ୱ ମତକୁ ପ୍ରତିସ୍ଥାପନ ପାରିବେ ନାହିଁ । ଏହା ଏକ ଗୁରୁତର ମନ୍ଦ ଆଚରଣ ବୋଲି ଅପିଲ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି, ଅପିଲ ନ୍ୟାୟାଳୟ ବିଚାର କରୁଥିବା ନ୍ୟାୟାଳୟର ଡିକ୍ରିରେ ହସ୍ତକ୍ଷେପ କରିବା ଉଚିତ ନୁହେଁ । ଉଚ୍ଚ ନ୍ୟାୟାଳୟ ବିଜ୍ଞତାର କାର୍ଯ୍ୟ ନକରି ଏବଂ ସ୍ଥିର ହୋଇଥିବା ଆଇନଗତ ନୀତିକୁ ଅଣଦେଖା କରି ଏହାକୁ ଖାରଜ କରିଦେଇଥିଲେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟ ଏବଂ ଅପିଲ ନ୍ୟାୟାଳୟଙ୍କ ଆଦେଶକୁ ରଦ୍ଦ କରିଦିଆଯାଇଛି ଏବଂ ବିଚାର କରୁଥିବା ନ୍ୟାୟାଳୟଙ୍କ ଆଦେଶକୁ ନିଶ୍ଚିତ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲ ଅନୁମୋଦିତ ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**<u>ଅନୁବାଦକ</u>**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ